**ସମ୍ବେଦନଶୀଳ, ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ**

ଚମ୍ପୁଆ, (ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନକୁ ସ୍ବଚ୍ଛ ଓ ନିରପେକ୍ଷ କରିବା ଲକ୍ଷ୍ୟରେ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନରେ ଥିବା ୧୯୨ ମତଦାନ କେନ୍ଦ୍ର ମଧ୍ୟରୁ ୬ଟି ଅତି ସମ୍ବେଦନଶୀଳ ଓ ୧୭ଟି ସମ୍ବେଦନଶୀଳ ବୁଥ୍ ରହିଥିବା ଏସ୍‌ଡିପିଓ ରାମରାୟ ମୁର୍ମୁ ସୂଚନା ଦେଇଛନ୍ତି। ଏହି ବୁଥ୍‌ଗୁଡ଼ିକରେ ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ଓ ନିରପେକ୍ଷ ମତଦାନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଜଣାଯାଇଛି।

## ସଂକ୍ଷେପରେ

### ସିଲିଣ୍ଡର ଫାଟି ମହିଳା ଶ୍ରମିକ ଗୁରୁତର

**ଜଳେଶ୍ୱର, ୬।୨(ଡି.ଏନ.ଏ.):** ଜଳେଶ୍ୱର ବ୍ଲକର ପଶ୍ଚିମବାର୍ଡ-ବାରଗଣବାଡିଆ-ଡାଲିଆପାଳ ରାସ୍ତା କଂକ୍ରିଟ କାମରେ ନିୟୋଜିତ ଜଣେ ମହିଳା ଶ୍ରମିକ ଗ୍ୟାସ ସିଲିଣ୍ଡର ଫାଟିଯିବାରୁ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିକେଭିଲ୍ଡ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରାସ୍ତା କଂକ୍ରିଟ କାର୍ଯ୍ୟରେ ୧୨ଜଣ ଶ୍ରମିକ ନିୟୋଜିତ ଅଛନ୍ତି। ଶନିବାର ସନ୍ଧ୍ୟାରେ ମାଳତୀ ସିଂ ନାମ୍ନୀ ଶ୍ରମିକ ଅନ୍ୟମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ସିଲିଣ୍ଡର ଫାଟି ଦେହରେ ନିଆଁ ଲାଗିଯାଇଥିଲା।

### ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**ଭଦ୍ରକ ଅଫିସ, ୬।୨:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗା ଗାଁରେ ବଧୂହତ୍ୟା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ବର୍ଷା ପଣ୍ଡା। ଏନେଇ ପୋଲିସ ହତ୍ୟା ମାମଲା (ନଂ.୬୫/୨୨) ରୁଜୁ କରି ମୃତ ବର୍ଷାଙ୍କ ସ୍ୱାମୀ ବଳରାମ ତିଆଡ଼ିଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଖଇରା ବ୍ଲକ ବରଦା ପଞ୍ଚାୟତ ଖରଡ଼ି ଗାଁର ବର୍ଷା ୬ମାସ ତଳେ ଜଳଙ୍ଗାର ବଳରାମଙ୍କୁ ଭଲ ପାଇ ବିବାହ କରିଥିଲେ। ରବିବାର ହଠାତ୍ ବର୍ଷାଙ୍କ ଦେହ ଅସୁସ୍ଥ ହୋଇଥିଲା। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ବର୍ଷାଙ୍କ ମାଉସୀ ସଞ୍ଜୁଲତା ପଣ୍ଡା ତାଙ୍କ ଝିଆରୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୋଲିସ ବଳରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମୃତ୍ୟୁ ବେଳକୁ ବର୍ଷା ଗର୍ଭବତୀ ଥିବା ଜଣାପଡ଼ିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି।

### ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ

**ବାରିପଦା ଅଫିସ, ୬।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଭାଜପା ପ୍ରାର୍ଥୀଙ୍କ ଲାଗି ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିବା ସହିତ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଛନ୍ତି । ସଂସଦ ଅଧିବେଶନ ଚାଲିଥିବା ସମୟରେ ଛୁଟିଦିନକୁ ଦେଖି ସେ ଜିଲାଗସ୍ତରେ ଆସି ବାରିପଦା ଓ ମୋରଡ଼ା ନିର୍ବାଚନ ମଣ୍ଡଳୀର ଶୁଳିଆପଦା, ମୋରଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ପ୍ରଚାର କରିଥିଲେ। ବାରିପଦା ବ୍ଲକ ୩୦ନଂ. ଜୋନ ବାଙ୍କିଶୋଳଠାରେ ପହଞ୍ଚି ପ୍ରାର୍ଥୀଙ୍କ ସହ ଘରକୁ ଘର ବୁଲି ଥିଲେ। ଶୁଳିଆପଦା ବ୍ଲକ ୫୩ନଂ. ଜୋନର ଅଁଳାକୁଡ଼ା ଓ ୫୪ନଂ. ଜୋନ ପ୍ରାର୍ଥୀଙ୍କୁ ସାଙ୍ଗରେ ଧରି ଭୋଟରଙ୍କ ପାଖକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି ମୋରଡ଼ା ବ୍ଲକ ଅଧୀନ ୩୮ନଂ. ଜୋନ ସାତଭାୟା ଓ କାଦୁଆଣି ପଞ୍ଚାୟତରେ ବୁଲିବା ସହିତ ୩୯ ଓ ୪୦ନଂ. ଜୋନ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ।

# ୨ ବିଧାୟକ ବଳ କଷାକଷି


ଆନନ୍ଦ ଚନ୍ଦ୍ର ଗୁଡୁ


ଦୁର୍ଗାଚରଣ ମାରାଣ୍ଡି


ନିହାର ରଞ୍ଜନ ନାଏକ


ଚମ୍ପା ଗୁଡୁ

**ବାରିପଦା ଅଫିସ,୬।୨**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ କୁଳିଅଣା ବ୍ଲକର ୮ ଓ ୯ନଂ. ଜିଲାପରିଷଦ ଜୋନରେ ନିର୍ବାଚନୀ ବାତାବରଣ ସରଗରମ ହେବାରେ ଲାଗିଛି। ବିଜେଡି ଓ ଭାଜପା ପକ୍ଷରୁ ଏଠାରେ ଟାଣୁଆ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ବିଜେଡି ପକ୍ଷରୁ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ପ୍ରଚାର ଜୋରଦାର ଚାଲିଛି। ଅନ୍ୟପକ୍ଷରେ ସାରସକଣା ବିଧାୟକ ଡା.ବୁଦ୍ଧାନ ମୁର୍ମୁଙ୍କ ସ୍ତ୍ରୀ ଜିଲାପରିଷଦ ପ୍ରାର୍ଥୀ ଭାବେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ଭୋଟରଙ୍କ ନିକଟରେ ପହଞ୍ଚିବାକୁ ଲାଗିପଡ଼ିଛନ୍ତି। ୨୦୧୭ ନିର୍ବାଚନରେ ଏହି ଦୁଇଟି ଆସନ ଭାଜପା ଖାତାକୁ ଯାଇଥିବା ବେଳେ ଚଳିତ ନିର୍ବାଚନରେ ଏହାକୁ ଅକ୍ତିଆର କରିବା ପାଇଁ ବିଜେଡି ଗୋଟିଚାଳନା ଆରମ୍ଭ କରିଛି। ଫେବୃୟାରୀ ୧୬ରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ବାଙ୍ଗିରିପୋଷି ଓ ସାରସକଣା ବିଧାୟକଙ୍କ ମଧ୍ୟରେ ବଳ କଷାକଷି ଚାଲିଥିବା ଦେଖିବାକୁ ମିଳୁଛି। ଉଭୟଙ୍କ ପାଇଁ ଏହି ଦୁଇ ଆସନ ସମ୍ମାନର ପ୍ରଶ୍ନ ହୋଇଛି। କୁଳିଅଣା ବ୍ଲକରେ ୧୭ଟି ପଞ୍ଚାୟତକୁ ନେଇ ୮ ଓ ୯ନଂ. ଜୋନ ଗଠିତ। ୮ନଂ. ଜୋନରେ ୬ଜଣ ଓ ୯ନଂ ଜୋନରେ ୪ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଦୁଇଟି ଜୋନରେ ମୋଟ ଭୋଟର ସଂଖ୍ୟା ୭୫ହଜାର ୨୧୩। ୮ନଂ. ଜୋନ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଭଗବାନପୁର, କୁମୁଡୁବିହା, ଗୌଡ଼ରମା, ବାଇଗଣବାଡ଼ିଆ, କୁଚେଇ, କୁଳିଅଣା, ଗାଙ୍ଗରାଜ, ଗେଣ୍ଡାପୋଖରୀ, ପାତିହଞ୍ଜା ଓ ପାରୁଲିଆ ପଞ୍ଚାୟତର

**କୁଳିଅଣା ବ୍ଲକ ୮ ଓ ୯ନଂ. ଜିଲାପରିଷଦ ଜୋନ୍**

ଭୋଟରମାନେ ମତଦାନ କରିବେ। ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଚରଣ ମାରାଣ୍ଡିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପା ପକ୍ଷରୁ ନିହାର ରଞ୍ଜନ ନାଏକ, ଜେଏମ୍‌ଏମ୍‌ରୁ ରମେଶ ଚନ୍ଦ୍ର ହାଁସଦା, କଂଗ୍ରେସରୁ ନିର୍ମଳ ପ୍ରଧାନ ଓ ଆଜସୁରୁ ଲାଡୁରାମ ସୋରେନ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସନାତନ ନାଏକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିପରି ୯ନଂ. ଜୋନଟି ଚାପୁଆ, କେଉଁଝରିମାରୀ, କୁଆବୁଡ଼ା, ମାରାଙ୍ଗାଣ୍ଡି, ନଧନା, ପୁରୁଣାପାଣି ଓ ସର୍ଜିଡ଼ାକୁ ଆଦି ୭ଟି ପଞ୍ଚାୟତକୁ ନେଇ ଗଠିତ। ଚଳିତ ଥର ଆସନଟି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ପୂର୍ବତନ ଜିଲାପରିଷଦ ସଦସ୍ୟ ଆନନ୍ଦ ଚନ୍ଦ୍ର ଗୁଡୁଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପା ପକ୍ଷରୁ ସାରସକଣା ବିଧାୟକଙ୍କ ସ୍ତ୍ରୀ ଚମ୍ପା ଗୁଡୁ, କଂଗ୍ରେସରୁ ଚୈତନ୍ୟ ପ୍ରସାଦ ନାଏକ ଓ ଜେଏମ୍‌ଏମ୍‌ରୁ ରାମଚନ୍ଦ୍ର ମୁର୍ମୁ ନିର୍ବାଚନ ଲଢୁଛନ୍ତି।

# ଭାଇବୋହୂଙ୍କୁ ହତ୍ୟା, ଦେଢ଼ଶ୍ବଶୁର ଅଟକ

**ଯୋଡ଼ା,୬।୨(ଡି.ଏନ.ଏ.)**

**ଗୁଣି ଗାରେଡ଼ି ସନ୍ଦେହ**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ କଲ୍ହୋହୁଣ୍ଡୁଲା ଗ୍ରାମରେ ଗୁଣି ଗାରେଡ଼ି ସନ୍ଦେହରେ ଦେଢ଼ଶ୍ବଶୁର ତାଙ୍କ ଭାଇବୋହୂଙ୍କୁ ହତ୍ୟା କରିଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଶ୍ରୀଦେବୀ ମୁଣ୍ଡା। ପୋଲିସ ଅଭିଯୁକ୍ତ ରଞ୍ଜିତ ମୁଣ୍ଡାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଅନେକ ସମୟରେ ରଞ୍ଜିତଙ୍କ ଦେହ ଖରାପ ହୋଇଥାଏ। ଭାଇବୋହୂ ଶ୍ରୀଦେବୀ ଗୁଣି ଗାରେଡ଼ି କରୁଥିବାରୁ ତାଙ୍କ ଦେହ ଖରାପ ହେଉଥିବା ରଞ୍ଜିତ ସନ୍ଦେହ କରି ଆସୁଥିଲେ। ଏନେଇ ଉଭୟଙ୍କ ପରିବାର ମଧ୍ୟରେ ବିଭିନ୍ନ ସମୟରେ କଳି ଝଗଡ଼ା ଲାଗୁଥିଲା। ଗତ ଶନିବାର ପୂର୍ବାହ୍ନ ୯ଟାରେ ଶ୍ରୀଦେବୀ ତାଙ୍କ ପିଲାଙ୍କ ସହ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ରଞ୍ଜିତ ଠେଙ୍ଗା ଓ ଧାରୁଆ ଅସ୍ତ୍ର ସାହାଯ୍ୟରେ ଶ୍ରୀଦେବୀଙ୍କୁ ପଛପଟୁ ଆକ୍ରମଣ କରି ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକେ ଶ୍ରୀଦେବୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଚମ୍ପୁଆ ଡାକ୍ତରଖାନା ଓ ପରେ କେନ୍ଦୁଝର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୮/୨୨) ରୁଜୁ ହୋଇଥିବା ଆଇଆଇସି ପଦ୍ମଲୋଚନ ସାହୁ ସୂଚନା ଦେଇଛନ୍ତି।

# ବିକାଶ ପାଇଁ ସହଯୋଗର ହାତ ବଢ଼ାଇବାକୁ ନିବେଦନ


ପ୍ରଚାର ଅବସରରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ସମେତ ନେତୃତ୍ୱମାନେ।

**ବନ୍ତ,୬।୨(ଡି.ଏନ.ଏ.)**

**ନିଳୋକରେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ରଜନୀ ସେଠୀ ଓ ସମିତିସଭ୍ୟ ପ୍ରାର୍ଥୀ ମୀନକେତନ ଜେନା ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ପଞ୍ଚାୟତର ବିକାଶ ପାଇଁ ସହଯୋଗର ହାତ ବଢ଼ାଇବାକୁ ସେମାନେ ଭୋଟରମାନଙ୍କୁ ନିବେଦନ କରୁଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟଲାଭ କରି ବହୁ ବିକାଶମୂଳକ କାର୍ଯ୍ୟ କରିଆସିଛନ୍ତି। ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିଛି। ରାଜ୍ୟରେ ନବୀନ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଯାଇ ପାରିଛି। ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରାଇଲେ ଆଗାମୀ ଦିନରେ ପଞ୍ଚାୟତର ବିକାଶଧାରା ବଜାୟ ରହିବ ବୋଲି ପ୍ରଚାର ସାମିଲ ହୋଇଥିବା ନେତୃତ୍ୱମାନେ କହିଛନ୍ତି। ସରପଞ୍ଚ ଅଶୋକ କୁମାର ମହାନ୍ତି, ପୂର୍ବତନ ବ୍ଲକ ଉପାଧକ୍ଷ ବଟକୃଷ୍ଣ ମହାନ୍ତି ଓ ପଞ୍ଚାୟତ ବିଜେଡି ସଭାପତି ପଦ୍ମନାଭ ନାୟକଙ୍କ ସମେତ ବହୁ ବରିଷ୍ଠ ନେତୃତ୍ୱ ଏହି ଦୁଇ ପ୍ରାର୍ଥୀଙ୍କ ପ୍ରଚାର ମଙ୍ଗ ଧରିଛନ୍ତି।

# ବିଜେଡିରେ ମିଶିଲେ ଅନ୍ୟ ଦଳ କର୍ମୀ

**କେନ୍ଦୁଝର,୬।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ୬ନଂ. ଜୋନର କାଠବାରୀ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଓ କଂଗ୍ରେସର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ପୂର୍ବତନ ଜିଲା ବିଜେଡି ସଭାପତି ତଥା ୬ନଂ. ଜିଲା ପରିଷଦ ଜୋନ ପ୍ରାର୍ଥୀ ଆଶିଷ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଏହି କର୍ମୀମାନେ ବିଜେଡିରେ ଯୋଗଦେଇଥିଲେ। ଶଙ୍କର୍ଷଣ ବେହେରାଙ୍କ ସଂଯୋଜନାରେ ଆୟୋଜିତ ମିଶ୍ରଣ ପର୍ବରେ ଏହି ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ବାରିଗାଁରୁ ରଣଜିତ ପଲେଇ, ବସନ୍ତ ପଲେଇ, ପ୍ରଶାନ୍ତ କୁମାର ପଲେଇ,


ଆଶିଷ ଚକ୍ରବର୍ତ୍ତୀଙ୍କ ସହ ବିଜେଡିରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀ।

**କାଠବାରୀ ପଞ୍ଚାୟତରେ ମିଶ୍ରଣ ପର୍ବ**

ଶୈଳେନ୍ଦ୍ର ନାଏକ, ଲକ୍ଷ୍ମୀପଷିରୁ କୁମରମଣି ନାଏକ, ଘାସିଆ ମୁଣ୍ଡା, ଭଗବାନ ନାଏକ, କାଳିଆ ମହାକୁଡ଼, ଡମ୍ବରୁଧର ମହାକୁଡ଼, କୁମୁଳାବାହାଳିରୁ ନିଳାଦ୍ରୀ ମହାନ୍ତ, ମୁରଲୀଧର ମହାନ୍ତ, ତ୍ରିନାଥ ମହାନ୍ତ, ନିରଞ୍ଜନ ମହାନ୍ତ, ଦେବାନନ୍ଦ ମହାନ୍ତ, ଯଦୁମଣି ମହାନ୍ତ, ଅକ୍ଷୟ ମହାନ୍ତ, ନରହରି ମହାନ୍ତ, ଅଜୟ କୁମାର ମହାନ୍ତ, ଭୋଦବାହାଳିରୁ ବ୍ରଜ ମହାନ୍ତ, ଧନୁର୍ଜୟପୁରରୁ ଦିଲ୍ଲୀପ କୁମାର ନାୟକ, ଜଗନ୍ନାଥପୁରରୁ ସଞ୍ଜୁ ନାୟକ, ତରଣୀସେନ ମହାନ୍ତ, ଶିରପାଣି ନାଏକ, ତ୍ରିଲୋଚନା ନାଏକ, କାଳିଆ ନାଏକ, କାଠବାରୀ ଗ୍ରାମରୁ ସଞ୍ଜୟ କୁମାର ପ୍ରଧାନ, କନ୍ଦର୍ପ ପ୍ରଧାନ, ପୁଟୁ ମହାନ୍ତ, ମହେନ୍ଦ୍ର ନାଏକ, ଯଶୋବନ୍ତ ମହାନ୍ତ, ପେକେନ କୁମାର ନାଏକ, ସୁଶାନ୍ତ ନାଏକ, ଖଜରୀପାଣିରୁ ଶୁକୁରା ମହାନ୍ତ ଓ ନାରାୟଣ ପାତ୍ର ପ୍ରମୁଖ ବିଜେଡିରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀ ଆଶିଷଙ୍କୁ ଜିତାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

# ବିଧାୟକଙ୍କୁ ଅଟକାଇବା ଘଟଣାରେ ଭିନ୍ନ ମୋଡ଼

**ପାଲଟା ଅଭିଯୋଗ: ୨୬ ଜଣଙ୍କ ନାଁରେ ମାମଲା**

**ବାସୁଦେବପୁର, ୬।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଦେଇପୁର ପଞ୍ଚାୟତକୁ ଗତ ଶୁକ୍ରବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନିର୍ବାଚନ ପ୍ରଚାରରେ ଯାଇଥିବା ବେଳେ ବିରୋଧ ପ୍ରଦର୍ଶନ କରାଯାଇଥିଲା। କେତେକ ବ୍ୟକ୍ତି ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ଗାଳିଗୁଲଜ କରି ଅଟକ ରଖିଥିଲେ। ଏନେଇ ବିଧାୟକଙ୍କ ସମର୍ଥକ ରଙ୍ଗାଧର ଜେନାଙ୍କ ଅଭିଯୋଗ କ୍ରମେ କଷିଆ ସାମୁଦ୍ରିକ ଥାନାରେ ୧୭ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଏହାକୁ ନେଇ ରାଜନୀତି ସରଗରମ ଥିବାବେଳେ ଶନିବାର ରାତିରେ ଘଟଣାଟି ଭିନ୍ନ ମୋଡ଼ ନେଇଛି। ଅପରପକ୍ଷରୁ ସୁମିତ୍ରା ମଲିକଙ୍କ ପାଲଟା ଅଭିଯୋଗ କ୍ରମେ ଥାନାରେ ବିଧାୟକଙ୍କ ସମର୍ଥକଙ୍କ ବିରୋଧରେ ୨୬ ଜଣଙ୍କ ନାଁରେ ଏକ ମାମଲା (ନଂ.୧୮/୨୨) ରୁଜୁ ହୋଇଛି। ବିଧାୟକଙ୍କ ସହ ପ୍ରଚାର କରିବାକୁ ଆସିଥିବା ବ୍ୟକ୍ତିମାନେ ସୁମିତ୍ରା ଓ ତାଙ୍କ ସହଯୋଗୀଙ୍କୁ ଗାଳିଗୁଲଜ କରିଥିବା ଉଲ୍ଲେଖ କରାଯାଇଛି।

# ଆରଡ଼ି ପଞ୍ଚାୟତରେ ତ୍ରିମୁଖୀ ଲଢ଼େଇ


ସରପଞ୍ଚ ପ୍ରାର୍ଥୀ ଲିଫ୍‌ଲେଟ ବାଣ୍ଟୁଛନ୍ତି।

**ଆରଡ଼ି, ୬।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି ପଞ୍ଚାୟତରେ ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ରହିଥିବା ବେଳେ ଏଥର ୫ ପ୍ରାର୍ଥୀ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବର୍ତ୍ତମାନ ସରପଞ୍ଚ ଥିବା ଅରବିନ୍ଦ ପାଢ଼ୀଙ୍କ ସ୍ତ୍ରୀ ମିନତି ପାଢ଼ୀ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଲଢୁଛନ୍ତି। ଅନ୍ୟପକ୍ଷେ ଜଣେ ଅଣରାଜନୈତିକ ପରିବାରରୁ ଶ୍ରଦ୍ଧାଞ୍ଜଳି ପାଢ଼ୀଙ୍କୁ ଭାଜପା ପ୍ରାର୍ଥୀ ରୂପେ ସମର୍ଥନ ଯୋଗାଇଛି। ଏହି ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ଚାଲିଥିବା ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଞ୍ଜଳିଙ୍କ ପ୍ରଚାରରେ ବହୁ ଯୁବକ ସାମିଲ ହେଉଥିବା ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ମଧ୍ୟ ଏଠାରେ ପ୍ରାର୍ଥୀ ନ ଦେଇ ଶ୍ରଦ୍ଧାଞ୍ଜଳିଙ୍କୁ ସମର୍ଥନ ଯୋଗାଇଛି। ଅନ୍ୟପକ୍ଷେ ଭାଜପାରୁ ଜଣେ ପୂର୍ବତନ ସରପଞ୍ଚ, ଜଣେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଓ ଜଣେ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିଙ୍କୁ ଏଥର ସାଥୀରେ ରଖି ନିର୍ବାଚନ ବୈତରଣୀ ପାର୍ ହେବାକୁ ବିଜେଡି ସମର୍ଥିତ ପ୍ରାର୍ଥୀ ଆଶା ରଖିଛନ୍ତି। ତେବେ ଏହି ପଞ୍ଚାୟତରେ ବିକାଶ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଭାଜପା ଅଭିଯୋଗ କରିବା ସହ ଚଳିତ ନିର୍ବାଚନରେ ଲୋକେ ଏହାର ଜବାବ ଦେବେ ବୋଲି ଦଳୀୟ ନେତା ଦେବଦତ୍ତ ପାଢ଼ୀ କହିଛନ୍ତି।

# ଡ୍ରୋନରେ ଫଟୋ ଉଠାଉଥିବା ମହାରାଷ୍ଟ୍ର ଟିମ୍ ଅଟକ

**ଖଇରା, ୬।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଡୁଡିଗଡିଆ ଅଞ୍ଚଳରେ କିଛି ଦିନ ଧରି କେନାଲ କାର୍ଯ୍ୟ ନାମରେ ଡ୍ରୋନରେ ଫଟୋ ଉଠାଉଥିବା ମହାରାଷ୍ଟ୍ର ଅଞ୍ଚଳର ଏକ ଟିମ୍‌କୁ ଗ୍ରାମବାସୀ ଅଟକ ରଖି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେମାନଙ୍କ ନିକଟରୁ ଫଟୋଉଠାକୁ ନେଇ ଆବଶ୍ୟକ ତଥ୍ୟ ଦେବା ପରେ ସେମାନଙ୍କୁ ଛଡାଯିବ ବୋଲି ଖଇରା ପୋଲିସ କହିଛି। ମହାରାଷ୍ଟ୍ରରୁ ଏକ ଟିମ୍ ଗାଁ ଗାଁ ବୁଲି ଡ୍ରୋନରେ ଫଟୋ ଉଠାଉଥିବା ବେଳେ ଗଣ୍ଡୁଆ ଗ୍ରାମବାସୀଙ୍କର ସନ୍ଦେହ ହେବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସକୁ ସେମାନେ ସର୍ଭେ ଉପରେ କୌଣସି ଲିଖିତ ପ୍ରମାଣ ଦେଖାଇ ପାରି ନ ଥିଲେ।

# 'ସମ୍ମାନହାନି ହୋଇଥିବାରୁ ଅଦାଲତ ଦ୍ୱାରସ୍ଥ ହେବି'

**କେନ୍ଦୁଝର, ୬।୨ (ସ୍ୱ.ପ୍ର.)**

**ବିଧାୟକଙ୍କ ନାଁରେ ଥାନାରେ ଅଭିଯୋଗ ଘଟଣା**

କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କ ବିରୋଧରେ ଭାଜପା କର୍ମୀ ସଞ୍ଜୀବ ନାୟକ ଟାଉନ ଥାନାରେ ଏତଲା ଦେବା ଘଟଣା ଜିଲାରେ ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଥିବା ବେଳେ ଏଭଳି ସମୟରେ ବିଧାୟକଙ୍କ ବିରୋଧରେ ଅଭିଯୋଗ ରାଜନୈତିକ ଉଷ୍ମତାକୁ ବଢ଼ାଇ ଦେଇଛି। ଆଗକୁ ଜିଲାରେ ପଞ୍ଚାୟତ ସହ ପୌର ନିର୍ବାଚନ ଥିବାରୁ ଭାଜପାର ଲୋକପ୍ରିୟତାକୁ ହ୍ରାସ କରିବା ଲାଗି ଏଭଳି ଚକ୍ରାନ୍ତ କରାଯାଇଥିବା ବିଧାୟକ ମାଝି ଅଭିଯୋଗ କରିଛନ୍ତି। ଏଭଳି ରାଜନୈତିକ ଷଡ଼ଯନ୍ତ୍ରକୁ ସେ ନାପସନ୍ଦ କରିବା ସହ ତାଙ୍କର ସମ୍ମାନ ହାନି ହୋଇଥିବାରୁ ଅଦାଲତ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସଞ୍ଜୀବଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ ଏବଂ ୨୦୨୦ରେ ବିଧାୟକ ତାଙ୍କଠାରୁ ପ୍ରାୟ ସାଢ଼େ ୩ ଲକ୍ଷ ଟଙ୍କାର ଘର ଆସବାବପତ୍ର କିଣିଥିଲେ। ସେ ବାବଦକୁ ୨୦୨୧ରେ ୪ଟି ପର୍ଯ୍ୟାୟରେ ୨ଲକ୍ଷ ୧ହଜାର ଟଙ୍କା ପରିଶୋଧ କରିଥିଲେ। ଅବଶିଷ୍ଟ ୧ ଲକ୍ଷ ୫୫ ହଜାର ଟଙ୍କା ଦେଉ ନାହାନ୍ତି। ଅନ୍ୟପକ୍ଷେ ବିଧାୟକ ମାଝି କହିଛନ୍ତି, ସାମଗ୍ରୀ ଦେବା ବେଳେ ୪୦ ପ୍ରତିଶତ ରିହାତି ଦେବେ ବୋଲି ସଞ୍ଜୀବ କହିଥିଲେ। ହିସାବ ମୁତାବକ ସମସ୍ତ ଟଙ୍କା ସେ ନେଇସାରିଛନ୍ତି। ଯଦି ବକେୟା ଅର୍ଥ ଅଛି, ଜିଏସ୍‌ଟି ବିଲ୍ ମିଳିବା ପରେ ଅବଶିଷ୍ଟ ଟଙ୍କା ପୈଠ କରିଦେବେ।

# ଧାନବସ୍ତା ରଖି ରାସ୍ତାରେ ବସିଲେ ଚାଷୀ


ରାସ୍ତା ଅବରୋଧ କରିଥିବା ଚାଷୀ।

**ପାଟଣା,୬।୨(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସମବାୟ ସମିତି ଅଧୀନ ଚେମେଣା ଶାଖା ସମିତି ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନ ପାରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରବିବାର ୧୨୦ରୁ ଊର୍ଦ୍ଧ୍ୱ ଚାଷୀ ୪୯ନଂ. ଜାତୀୟ ରାଜପଥର ଚେମେଣା ନିକଟରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରୁଥିବା ବେଳେ ଖବର ଲେଖା ଯିବା ପର୍ଯ୍ୟନ୍ତ ଚାଷୀମାନେ ଯିଦରେ ଅଟଳ ରହି ରାସ୍ତା ଅବରୋଧ ଜାରି ରଖିଛନ୍ତି। ଚେମେଣା ଶାଖା ସମବାୟ ସମିତି ମଣ୍ଡିକୁ ୪ ଦିନ ହେବ ଶତାଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ଆଣିଥିଲେ। ବର୍ଷା କାକରରେ ସେମାନେ ରାତି ଉଜାଗର ହୋଇ ଜଗିବା ପରେ ମଧ ସମବାୟ ସମିତି କିମ୍ବା ଯୋଗାଣ ବିଭାଗର କୌଣସି କର୍ମକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ଏନେଇ ଉତ୍ତ୍ୟକ୍ତ ଚାଷୀ ରାସ୍ତା ଅବରୋଧ କରିଥିଲେ। ୨୧ନଂ. ଜିଲା ପରିଷଦ ଜୋନର ଭାଜପା ପ୍ରାର୍ଥୀ ସତ୍ୟବ୍ରତ ନାଏକ, ବନୋଜ ନାୟକ ଓ କଂଗ୍ରେସ ନେତା ଗୋବିନ୍ଦ ମହାନ୍ତ ଚାଷୀଙ୍କ ସହ ଧାରଣାରେ ସାମିଲ ହୋଇଥିଲେ।

# 'ସମୃଦ୍ଧ ବାଲେଶ୍ୱର ପାଇଁ ଜନ ଇସ୍ତାହାର' ଆଲୋଚନାଚକ୍ର

**ବାଲେଶ୍ୱର ଅଫିସ, ୬।୨**

ଓଡିଶା ନିର୍ମାଣ ଅଭିଯାନ ବାଲେଶ୍ୱର ଜିଲା ଶାଖା ତରଫରୁ 'ସମୃଦ୍ଧ ବାଲେଶ୍ୱର ପାଇଁ ଏକ ଜନ ଇସ୍ତାହାର' ଶୀର୍ଷକ ଆଲୋଚନାଚକ୍ର ରବିବାର ଆୟୋଜିତ ହୋଇଯାଇଛି। ଅଭିଯାନର ରାଜ୍ୟ ଆବାହକ ଗୋବିନ୍ଦ ବଲ୍ଲଭ ଦଳାଇ ସଭାପତିତ୍ୱ କରି ବୁଦ୍ଧିଜୀବୀମାନଙ୍କର ସାମାଜିକ ଓ ରାଜନୈତିକ ଦାୟିତ୍ୱବୋଧତା ଉପରେ ଗୁରୁତ୍ୱାରୋପ କରିଥିଲେ ।ରାଜନୈତିକ ଦଳମାନେ ଜନସାଧାରଣଙ୍କ ସେବା କରିବେ ବୋଲି ଆଶା କରାଯାଉଥିଲା ବେଳେ ଲୋକଙ୍କ ପରାମର୍ଶ ନେବାକୁ ସେମାନେ ଭୁଲିଯାଇଛନ୍ତି । ସହରରେ ପାଖାପାଖି ୧.୭ ଲକ୍ଷ ଜନସଂଖ୍ୟା (୨୦୧୧ ଜନଗଣନା ଅନୁଯାୟୀ) ଯାହା ୨୦୨୨ ସୁଦ୍ଧା ୨.୫ ଲକ୍ଷ (ସହର ଏବଂ ସହରର ଉପାନ୍ତ ଅଞ୍ଚଳ ମିଶି) ଅତିକ୍ରମ କରିଯାଇପାରେ। ଏଥିମଧ୍ୟରୁ ୯୦ପ୍ରତିଶତ ସାକ୍ଷରତା (୮୮.୯ ପ୍ରତିଶତ – ୨୦୧୧ ଜନଗଣନା) ଥିବା ଏହି ସହରର ଜନସାଧାରଣ ଅଛନ୍ତି। ବିକାଶମୁଖୀ ଯୋଜନାରେ ମତବ୍ୟକ୍ତ କରିବାର ଯଦି ସୁଯୋଗ ମିଳେ ତେବେ ଏକ ସମୃଦ୍ଧ ଗଣତନ୍ତ୍ରର ମୂଳଦୁଆ ସୃଷ୍ଟି ହୋଇପାରନ୍ତା। ବାଲେଶ୍ୱରର ବିକାଶ ପାଇଁ ବୁଢାବଳଙ୍ଗ ନଦୀର ଉପଯୁକ୍ତ ବିନିଯୋଗ, ସହରାଞ୍ଚଳ ପରିବେଶର ସୁରକ୍ଷା, ଜୈବ ବିବିଧତା, ଜଳ ସଂରକ୍ଷଣ, ଗଡଗଡିଆ, ଚନ୍ଦ୍ରାଗଡ଼ି ଭଳି ପୋଖରୀର ସୌନ୍ଦର୍ଯ୍ୟକରଣ, ବ୍ୟାସକବି ଫକୀରମୋହନଙ୍କ ବାସଭବନସ୍ଥିତ ଜିଲା ପୁସ୍ତକାଳୟର ବିକାଶ, ବିଦ୍ୟାଳୟ, ଡାକ୍ତରଖାନା, ନଟଣିଆଯୋଡିରେ ସମ୍ଭାବ୍ୟ ରିଭରଫ୍ରଣ୍ଟ, ବିଭିନ୍ନ ଐତିହ୍ୟସ୍ଥଳର ବିକାଶ, ଗମନାଗମନ, ଆଇନଶୃଙ୍ଖଳା ପରିସ୍ଥିତି, ନିଶାର ପ୍ରାଦୁର୍ଭାବ ରୋକିବା ଉପରେ ପରିବେଶବିତ୍ ସୁବ୍ରତ ନାୟକ, ସାମାଜିକ କର୍ମୀ ମମତା ମହାପାତ୍ର, ରୋଟାରିଆନ ସୁବ୍ରତ କର, ଚିତ୍ରଶିଳ୍ପୀ କେଶୁଦାଶ, ଐତିହ୍ୟବିତ୍ ପ୍ରଶାନ୍ତ କୁମାର ପାଢୀ, କବି ଅଭୟ ଦାସ ପ୍ରମୁଖ ଉପରୋକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ ।


ଆଲୋଚନା ଚକ୍ରରେ ଓଡ଼ିଶା ନିର୍ମାଣ ଅଭିଯାନର କର୍ମକର୍ତ୍ତା।

# ସାରଡାଙ୍ଗରେ ବିଜେଡି ପ୍ରଚାର ଜମିଲା

**ଖଇରା, ୬।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ୬ନଂ. ଜୋନରେ ପ୍ରଚାର ରୋଚକ ସ୍ଥିତିରେ ପହଞ୍ଚିଛି। ଜିଲା ପରିଷଦ ଆସନରେ ବିଜେଡିର ସୁଷମା ମହାପାତ୍ର, ଭାଜପାର ମିନାକ୍ଷୀ ମହାପାତ୍ର ଓ କଂଗ୍ରେସର ବୀଣାପାଣି ଶୁକ୍ଳଙ୍କ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେଉଛି। ବିଜେଡି ପ୍ରାର୍ଥିନୀ ମହାପାତ୍ରଙ୍କ ସପକ୍ଷରେ ପ୍ରଚାରକୁ ଓହ୍ଲାଇଛନ୍ତି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ରବିବାର ସାରଡାଙ୍ଗ ପଞ୍ଚାୟତର ଏକ ପଥପ୍ରାନ୍ତ ସଭାରେ ସେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ କଠିନ ପରିଶ୍ରମ ପାଇଁ ସାରଡାଙ୍ଗ ପଞ୍ଚାୟତ ସମେତ ସିମୁଳିଆ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ୱାର୍ଡରେ ବିକାଶର ଛାପ ଛୁଇଁପାରିଛି ବୋଲି କହିଛନ୍ତି। ସେହି ଆଧାରରେ ଦଳୀୟ ପ୍ରାର୍ଥୀ ବିଜୟୀ ହେବେ ବୋଲି ତାଙ୍କର ଦୃଢବିଶ୍ୱାସ ଅଛି ବୋଲି କହିଥିଲେ। ସରପଞ୍ଚ ପ୍ରାର୍ଥିନୀ କବିତା ପଣ୍ଡିତ ଓ ସମିତିସଭ୍ୟ ପ୍ରାର୍ଥିନୀ ବାସନ୍ତୀ ମାଝି, ବିଜେଡି ପଞ୍ଚାୟତ ସଭାପତି ମଦନମୋହନ ସାହୁ, ବରିଷ୍ଠ ନେତା କୁଶାସନ କର ପ୍ରମୁଖ ଉପସ୍ଥିତ ଥିଲେ।


ପଥପ୍ରାନ୍ତ ସଭାରେ ପ୍ରାର୍ଥୀଙ୍କ ଗହଣରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

# ୧୦୦୦ତମ ଦିନକିଆରେ ଭାରତ ବିଜୟୀ


ମ୍ୟାନ୍ ଅଫ୍ ଦି ମ୍ୟାଚ ଯୁଜବେନ୍ଦ୍ର ଚହଲ।

- ୱେଷ୍ଟଇଣ୍ଡିଜ୍‌କୁ ୬ ଉଇକେଟରେ ହରାଇଲା
- ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ

**ଅହମଦାବାଦ୍, ୬।୨**

ତାରକା ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ଓ ୱାଶିଂଟନ ସୁନ୍ଦରଙ୍କ ଚତୁର ବୋଲିଂ ପରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ଭାରତ ଏହାର ୧୦୦୦ତମ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ସିରିଜର ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ୍‌କୁ ୬ ଉଇକେଟରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଛି। ଭାରତୀୟ ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ୱେଷ୍ଟଇଣ୍ଡିଜ ୪୩.୫ ଓଭରରେ ୧୭୬ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଭାରତ ୨୮ ଓଭରରେ ୪ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିନେଇଥିଲା। ଟପ୍ ଅର୍ଡରରେ ଥିବା ରୋହିତ ୫୧ ବଲ୍‌ରୁ ୬୦ (୧୦ ଚୌକା, ୧ ଛକା) ଓ ଇଶାନ କିଶନ ୩୬ ବଲ୍‌ରୁ ୨୮ ରନ୍ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୧୩.୧ ଓଭରରୁ ୮୪ ରନ୍ ଯୋଗ କରିଥିଲେ। ବିରାଟ କୋହଲି (୮) ଓ ରିଷଭ ପନ୍ତ (୧୧/ରନ୍‌ଆଉଟ) ଯଦିଓ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ ତେବେ ସୂର୍ଯ୍ୟକୁମାର ଯାଦବ ୩୪ (୩୬ ବଲ, ୫ ଚୌକା) ଓ ଦୀପକ ହୁଡା ୨୬ (୩୨ ବଲ୍, ୨ ଚୌକା) ରନ୍‌ରେ ଅପରାଜିତ ରହି ୨୮ ଓଭରରେ ଭାରତକୁ ବିଜୟୀ କରାଇଥିଲେ। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୬୨ ରନ୍ ଯୋଗ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲଜାରି ଜୋସେଫ ୨ଟି ଓ ଆକେଲ ହୁସେନ ଗୋଟିଏ ଉଇକେଟ ନେଇଥିଲେ। ଭାରତ ଟସ୍ ଜିତି ପ୍ରଥମେ ୱେଷ୍ଟଇଣ୍ଡିଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ମାତ୍ର ମହମ୍ମଦ ସିରାଜ ନିଜ ମ୍ୟାଚ୍‌ର ତୃତୀୟ ଓଭରରେ ଶାଇ ହୋପ୍ (୮ରନ)ଙ୍କୁ କ୍ଲିନ୍ ବୋଲ୍ଡ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୧୩ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ବ୍ରେଣ୍ଡନ କିଙ୍ଗ୍‌ଙ୍କ ସହ ଡାରେନ ବ୍ରାଭୋ କ୍ରିଜ୍‌ରେ ଯୋଗଦେଇ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଦ୍ୱିତୀୟ ଉଇକେଟରେ ମାତ୍ର ୩୧ ରନ୍ ଯୋଗ କରିବା ପରେ ଭାରତୀୟ ସ୍ପିନର ୱାଶିଂଟନ ସୁନ୍ଦରଙ୍କ ଶିକାର ହୋଇଥିଲେ କିଙ୍ଗ୍। ସେ ୧୩ ରନ୍ କରି ପାଭିଲିୟନ ଫେରିଥିଲେ। ଟପ୍ ଅର୍ଡର ପରି ମିଡଲ ଅର୍ଡରରେ ମଧ୍ୟ ସେପରି କେହି ପ୍ରଭାବୀ ବ୍ୟାଟିଂ କରିପାରି ନ ଥିଲେ। ବ୍ରାଭୋ ୧୮, ନିକୋଲସ ପୁରନ ୧୮ ଓ ଶାମରା ବ୍ରୁକ୍ସ ୧୨ ରନ୍ କରିପାରିଥିବାବେଳେ ଅଧିନାୟକ କିରନ ପୋଲାର୍ଡ ଓ ଆକେଲ ହୋସେନ ଖାତା ଖୋଲିପାରି ନ ଥିଲେ। ଫଳରେ ୭୯ ରନ୍ ମଧ୍ୟରେ ୱେଷ୍ଟଇଣ୍ଡିଜ ୭ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତେବେ ଅଲ୍‌ରାଉଣ୍ଡର ଜାସନ ହୋଲ୍ଡରଙ୍କ ଲଢ଼ୁଆ ୫୭ ଏବଂ ଶେଷଭାଗରେ ଫାବିଆନ ଆଲେନ ୨୯ ରନ୍ କରିବାରୁ ୱେଷ୍ଟଇଣ୍ଡିଜର ସମ୍ମାନ ରକ୍ଷା ହୋଇଥିଲା। ଦଳ ୪୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ କରିଥିଲା। ଭାରତ ପକ୍ଷରୁ ଯୁଜ୍‌ବେନ୍ଦ୍ର ଚହଲ ୪ଟି, ୱାଶିଂଟନ ସୁନ୍ଦର ୩ଟି, ପ୍ରସିଦ୍ଧ କ୍ରିଷ୍ଣା ୨ଟି ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ନେଇଥିଲେ। ୨୦ତମ ଓଭରରେ ଚହଲ କ୍ରମାଗତ ୨ଟି ଉଇକେଟ ନେଇଥିଲେ। ପୁରନଙ୍କୁ ଆଉଟ କରି ସେ ନିଜ ଦିନିକିଆ କ୍ରିକେଟ କ୍ୟାରିୟରରେ ୧୦୦ତମ ଉଇକେଟ ପୂରଣ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୪୩.୫ ଓଭରରେ ୧୭୬/ଅଲ୍‌ଆଉଟ (ଜାସନ ହୋଲ୍ଡର-୫୭, ଫାବିଆନ ଆଲେନ ୨୯, ଯୁଜ୍‌ବେନ୍ଦ୍ର ଚହଲ-୪/୪୯, ୱାଶିଂଟନ ସୁନ୍ଦର-୩/୩୦, ପ୍ରସିଦ୍ଧ କ୍ରିଷ୍ଣା-୨/୨୯, ମହମ୍ମଦ ସିରାଜ-୧/୨୬)। ଭାରତ ୨୮ ଓଭରରେ ୧୭୮/୪( ରୋହିତ ଶର୍ମା-୬୦, ସୂର୍ଯ୍ୟକୁମାର ଯାଦବ-୩୪*, ଦୀପକ ହୁଡା-୨୬*, ଆଲଜାରି ଜୋସେଫ-୨/୪୫, ଆକେଲ ହୋସେନ-୧/୪୬)।

## କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ ଭାରତୀୟ ଖେଳାଳି

ପରଲୋକ ଗମନ କରିଥିବା କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍‌କରଙ୍କୁ ସମ୍ମାନ ଜଣାଇ ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ଭାରତ ରନ୍ ଲତା କ୍ରିକେଟ୍‌କୁ ଭଲପାଇବା ସହ ସର୍ବଦା ନିଜ ସମର୍ଥନ ଜଣାଇ ଆସୁଥିଲେ। ସବୁବେଳେ ସେ ଟିମ୍ ଇଣ୍ଡିଆକୁ ସମର୍ଥନ କରୁଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଲତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅହମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ରାଜ୍ୟ କ୍ରିକେଟ ଆସୋସିଏଶନ ପକ୍ଷରୁ କୌଣସି ସେଲିବ୍ରେଶନ କରାଯିବନାହିଁ ବୋଲି ନିଷ୍ପତ୍ତି ହୋଇଥିବା ଗୁଜରାଟ କ୍ରିକେଟ ଆସୋସିଏଶନର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଓଡ଼ିଶା ଏଫ୍‌ସି ଆଜି ଇଷ୍ଟବେଙ୍ଗଲକୁ ଭେଟିବ

**ଭାସ୍କୋ, ୬।୨:** ଇଣ୍ଡିଆନ ସୁପରଲିଗ୍‌ରେ ଭୁବନେଶ୍ୱରଭିତ୍ତିକ ଓଡ଼ିଶା ଏଫ୍‌ସି ସୋମବାର ଇଷ୍ଟବେଙ୍ଗଲ ସହ ମୁକାବିଲା କରିବ। ଚଳିତ ବର୍ଷ ସଂଘର୍ଷର ସମ୍ମୁଖୀନ ହୋଇଥିବା ଇଷ୍ଟବେଙ୍ଗଲ ଗତ ମ୍ୟାଚରେ କିନ୍ତୁ ଏକଦା ୦-୨ ଗୋଲରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲା। ଏହି ଦଳ ୧୫ଟି ମ୍ୟାଚ ଖେଳି ସାରିଥିବାବେଳେ କେବଳ ଗୋଟିଏ ମ୍ୟାଚରେ ଗୋଆ ବିପକ୍ଷରେ ବିଜୟ ସ୍ୱାଦ ପାଇଛି। ୭ ମ୍ୟାଚ ଡ୍ର ରଖିଥିବାବେଳେ ୭ ମ୍ୟାଚରେ ପରାଜିତ ହୋଇ ୧୫ ମ୍ୟାଚରୁ ୧୦ ପଏଣ୍ଟ ପାଇଛି। ଓଡ଼ିଶା ଏଫ୍‌ସି ମଧ୍ୟ ଉତ୍‌ଥାନ ପତନ ମଧ୍ୟଦେଇ ଗତି କରୁଛି। ଦଳ ୧୪ ମ୍ୟାଚରୁ ୫ ବିଜୟ, ୩ ବିଜୟ ଓ ୬ ପରାଜୟ ସହ ୧୮ ପଏଣ୍ଟ ପାଇଛି। ରବିବାର ଫତୋର୍ଦାରେ ଅନୁଷ୍ଠିତ ମ୍ୟାଚରେ ଏଟିକେ ମୋହନବାଗାନ ୧-୦ ଗୋଲରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚର ୮୫ତମ ମିନିଟରେ ଏଟିକେ ପକ୍ଷରୁ ବିକ୍ରମ ସିଂ ଏକମାତ୍ର ଗୋଲଟି ସ୍କୋର କରିଥିଲେ।

# ଓଡ଼ିଶା ରଣଜୀ ଦଳ ଘୋଷିତ

**ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନର ସିନିୟର ଚୟନ କମିଟି ପକ୍ଷରୁ ରବିବାର ରାଜ୍ୟ ରଣଜୀ ଟ୍ରଫି ଦଳ ଘୋଷଣା କରାଯାଇଛି। ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଶୁଭ୍ରାଂଶୁ ସେନାପତିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏଲିଟ୍ ଗ୍ରୁପ୍-ଡିରେ ସ୍ଥାନ ପାଇଥିବା ଓଡ଼ିଶା ଚଳିତ ମାସ

**ଶୁଭ୍ରାଂଶୁ ସେନାପତି ଅଧିନାୟକ**

୧୦ ତାରିଖରେ ଅହମଦାବାଦରେ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି। ଚୂଡ଼ାନ୍ତ କାର୍ଯ୍ୟସୂଚୀ ଆନୁଷ୍ଠାନିକଭାବେ ଏପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିଲେ ହେଁ ନିଜ ଗ୍ରୁପ୍‌ରେ ସୌରାଷ୍ଟ୍ର, ମୁମ୍ବାଇ ଓ ଗୋଆ ବିପକ୍ଷରେ ଓଡ଼ିଶା ଖେଳିବ। ଅହମଦାବାଦ ଯିବା ପୂର୍ବରୁ ଓଡ଼ିଶା ଦଳ କଟକର ବାରବାଟୀ ଷ୍ଟାଡିୟମରେ ୮ ଓ ୯ ତାରିଖ ଦୁଇଦିନ ବରୋଦା ବିପକ୍ଷରେ ଅଭ୍ୟାସ ମ୍ୟାଚ ଖେଳିବ। **ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ଅଂଶୁମାନ ରଥ, ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତ, ଦେବାଶିଷ ସାମନ୍ତରାୟ, ରାକେଶ ପଟ୍ଟନାୟକ, ସୁଜିତ କୁମାର ଲେଙ୍କା (ଉଇକେଟ କିପର), ରାଜେଶ ଧୂପର (ଉଇକେଟ କିପର), ଜୟନ୍ତ ବେହେରା, ପପୁ ରାୟ, ଶୁଭମ୍ ନାୟକ, ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ପ୍ରଶାନ୍ତ ରାଣା, ଆଶିଷ ରାୟ, ତାରାନି ସ'।


ଶୁଭ୍ରାଂଶୁ ସେନାପତି

## ୟୁନାଇଟେଡ୍ କପ କ୍ରିକେଟ: ସେମିରେ ଫକିରପଡ଼ା

**କଣ୍ଟାପଡା,୬।୨(ଡି.ଏନ୍.ଏ.):** ନାରାୟଣୀ ୟୁଥକ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ଆୟୋଜିତ ୟୁନାଇଟେଡ କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିଆଳିକୁ ୪ ଉଇକେଟରେ ହରାଇ ଫକିରପଡା କ୍ରିକେଟ କ୍ଲବ(କଟକ) ସେମିରେ ପ୍ରବେଶ କରିଛି। ଟସରେ ଜିତି ନିଆଳି ପ୍ରଥମେ ବ୍ୟାଟିଂକରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିଥିଲା। ଦଳପକ୍ଷରୁ ପିଣ୍ଟୁ ଶର୍ମା ସର୍ବାଧିକ ୩୪ ରନ ସ୍କୋର କରିଥିଲେ। ଜଗନ୍ନାଥ ଓ ଜ୍ଞାନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅବିନାଶଙ୍କ ୪୪ ରନ ବଳରେ ଫକିରପଡା ଦଳ ୧୬ ଓଭରରେ ୬ ଉଇକେଟ ହରାଇ ଅବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ସୋଏବ ୪ଉଇକେଟ ନେଇଥିଲେ। ଅନୀଲଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଶେଷଦେବ ସ୍ୱାଇଁ ଓ ଇଦ୍ରିଶ ସା ମ୍ୟାଚ ପରିଚାଳନା କରିଥିଲେ।

# ଏସ୍‌ଆର୍ ଚେସ୍: ଜୟାଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)**

ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ ଚେସ୍‌ରେ କାତାର ଦୋହାର ଜୟାଦିତ୍ୟ ଗନ୍ତାୟତ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇଥିବାବେଳେ ଜୟାଦିତ୍ୟ ୬.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ବିକ୍ରମ ମିଶ୍ର (୫.୫) ଦ୍ୱିତୀୟ, ସୁପ୍ରତିକ ତ୍ରିପାଠୀ (୫.୫) ତୃତୀୟ, ଶ୍ରେୟାଂଶ କାନୁନ୍‌ଗୋ (୫) ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଭିଷେକ ତ୍ରିପାଠୀ, ପୁଣ୍ୟଶ୍ଳୋକ ପୃଷ୍ଟି, ସିଦ୍ଧାର୍ଥ ମିଶ୍ର, ସାଇ ଅମୃତ ପରିଜା, ବିଭୋର ପ୍ରିୟଦର୍ଶୀ, ବିନାୟକ କୁମାର ସାମଲ, ଆଦିତ୍ୟ ନାରାୟଣ ମହାନ୍ତି, ଶିବମ୍ ସାହୁ, ସୂର୍ଯ୍ୟାଂଶୁ ମହାକୁଡ଼, ସାନ୍‌ଭି ମହାନ୍ତି, ଅକ୍ଷୟ ଅଗ୍ରୱାଲ, ଅଦିତି ମହାରଣା, ଜିତେଶ ସାମଲ, ବିବନ ପାଲିତ ପ୍ରମୁଖଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଚେସ୍ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ଜୟାଦିତ୍ୟ ଗନ୍ତାୟତ








